## ୫୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ

# ପାରାଦ୍ୱୀପ ବନ୍ଦର ପ୍ରତିଷ୍ଠାର ଅଭୁଲା ସ୍ମୃତି

ବସନ୍ତ କୁମାର ନାୟକ

ପାରାଦ୍ୱୀପ ବନ୍ଦର ୧୯୬୨ ମସିହା ଜାନୁଆରୀ ୩ ତାରିଖରେ ପ୍ରତିଷ୍ଠା ହେଲା । ହେଲେ ଏହା ପୂର୍ବରୁ ପାରାଦ୍ୱୀପକୁ ବହୁ ବାଧା ପ୍ରତିବନ୍ଧକର ସାମ୍ନା କରିବାକୁ ପଡିଥିଲା । ପ୍ରାୟ ଏକ ଦଶନ୍ଧି ଧରି ବହୁ ପରୀକ୍ଷାନିରୀକ୍ଷା ଓ ପ୍ରଶାସନିକ କସରତ ପରେ ଏହା ସ୍ୱାଧୀନୋତ୍ତର ପ୍ରଥମ ଓ ଦେଶର ୮ମ ବୃହତ୍ ବନ୍ଦର ଭାବେ ଆତ୍ମପ୍ରକାଶ କଲା । ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଜଳପଥରେ ଏହି ଦ୍ୱୀପକୁ ଆସି ବନ୍ଦରର ଭିତ୍ତିସ୍ଥାପନ କରିଥିଲେ ।

ଦେଶର ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ପାରାଦ୍ୱୀପ କିମ୍ବା ଓଡିଶାର ଅନ୍ୟ କୌଣସି ସ୍ଥାନରେ ବନ୍ଦର ପ୍ରତିଷ୍ଠାର ନାମଗନ୍ଧ ନଥିଲା । କିନ୍ତୁ ସମୃଦ୍ଧିଶାଳୀ ଓଡିଶା ନିର୍ମାଣ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦ୍ୱୀପକୁ ବୃହତ ବନ୍ଦର କରି ତା'ସହ କେନ୍ଦୁଝର ଓ କଟକ ଜିଲ୍ଲାର ସୁକିନ୍ଦା ଖଣି ଅଂଚଳକୁ ସଂଯୁକ୍ତ କରିବା ପାଇଁ ଏକ୍ସପ୍ରେସ ୱେ ନିର୍ମାଣ ପ୍ରସ୍ତାବ ଯୋଜନା କମିଶନଙ୍କୁ ପଠାଇଲେ । ଏକ ପକ୍ଷରେ ପାରାଦ୍ୱୀପକୁ ପରିବହନ ସୁବିଧା ପାଇଁ ରେଳରାସ୍ତା ନ ଥିବାରୁ ବଡ ବନ୍ଦର ପାଇଁ ଦାବି ଗ୍ରହଣଯୋଗ୍ୟ ହେଉ ନ ଥାଏ । ତେଣେ ରେଳରାସ୍ତା ପାଇଁ କହିଲେ ବନ୍ଦର ହେବାର ବ୍ୟବସ୍ଥା ନ ଥିବାରୁ ରେଳରାସ୍ତା କଥା କେହି ଶୁଣୁ ନ ଥିଲେ । ଯୋଜନା କମିଶନ ଏହାକୁ ଅନୁମୋଦନ କଲେ ନାହିଁ କିମ୍ବା ଏଥିପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କଲେ ନାହିଁ, ବରଂ ଏହି ପ୍ରସ୍ତାବକୁ ଏକ ଅବାସ୍ତବ ପରିକଳ୍ପନା ବୋଲି କହିଥିଲେ । ମାତ୍ର ବିଜୁବାବୁଙ୍କ ଦୁଃସାହସିକ ପଦକ୍ଷେପ ଯୋଗୁଁ ପାରାଦ୍ୱୀପ ସେତେବେଳେ ବୋଧହୁଏ ପୃଥିବୀର ରେଳ ସଂଯୋଗ ନ ଥିବା ପ୍ରଥମ ବନ୍ଦର ଭାବେ ପ୍ରତିଷ୍ଠା ଲାଭ କଲା ।

ବିଜୁବାବୁ ରାଜ୍ୟ ରାଜକୋଷରୁ ଅର୍ଥ ବ୍ୟବସ୍ଥା କରି ବନ୍ଦର ଓ ଏକ୍ସପ୍ରେସ ୱେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଏହି ଦୁଇ ପ୍ରକଳ୍ପ ଅତ୍ୟନ୍ତ ବ୍ୟୟ ବହୁଳ ଥିଲା । କାରଣ ସେତେବେଳେ ରାଜ୍ୟର (୧୯୬୧-୬୨) ମୋଟ ରାଜସ୍ୱ ମାତ୍ର ୫୫ କୋଟି ୨୦ ଲକ୍ଷ ଥିଲା ଏବଂ ଏହି ଦୁଇ ପ୍ରକଳ୍ପ ବାବଦରେ ବନ୍ଦର ପାଇଁ ୧୬ କୋଟି ୨୦ ଲକ୍ଷ ଓ ଏକ୍ସପ୍ରେସ ୱେ ପାଇଁ ୭ କୋଟି ଅର୍ଥ ବ୍ୟୟ ବରାଦ କରାଯାଇଥିଲା । ବିଜୁବାବୁଙ୍କ ବିଶ୍ୱାସ ଥିଲା ବନ୍ଦର ଓ ଏକ୍ସପ୍ରେସ ୱେ ନିର୍ମାଣ ଶେଷ ହେଲେ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ପ୍ରଭାବିତ କରି ତାକୁ କେନ୍ଦ୍ରୀୟ ପ୍ରକଳ୍ପ କରାଇ ଦେବେ । ପାରଦ୍ୱୀପ ବନ୍ଦରର ଶୁଭ ଦେବା ପାଇଁ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ଆମନ୍ତ୍ରଣ କରାଗଲା ଏବଂ ପ୍ରଧାନମନ୍ତ୍ରୀ ସମ୍ମତି ମଧ୍ୟ ଦେଲେ । ୧୯୬୨ ମସିହା ଜାନୁଆରୀ ୩ ତାରିଖ ପୌଷ ଶୁକ୍ଳ ଦି୨୦ନ ୧୩୬୯ ସାଲରେ ଶୁଭଦାନ ପାଇଁ ଦିନ ସ୍ଥିର ହେଲା । ପାରାଦ୍ୱୀପକୁ ସେତେବେଳେ ରାସ୍ତାଘାଟ ନ ଥିଲା । ବିଦ୍ୟୁତ୍ ଶକ୍ତି ନ ଥିଲା । ଘରଦ୍ୱାର କିଛି ନ ଥିଲା । ପଣ୍ଡିତ ନେହେରୁଙ୍କ ଆସିବା ବେଳକୁ ଅଳ୍ପ ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ବାସୋପଯୋଗୀ ଏକ ଅତିଥି ଭବନ ନିର୍ମାଣ ସାଂଗକୁ କେତୋଟି ବଡ ବଡ ଟିଣ ସେଡ୍

ତିଆରି ହୋଇଥିଲା । ଅତିଥି ଭବନର ନାମ ରଖାଯାଇଥିଲା 'ନେହେରୁ ନିବାସ'। କେତୋଟି ଚଳନୀୟ ପକ୍କାରାସ୍ତା ନିର୍ମାଣ ସହିତ ଟେଲିଫୋନ ଓ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା । ଏପରିକି ହେନ୍ତାଳ ଜଙ୍ଗଲର ସ୍ଥାନେ ସ୍ଥାନେ ବିଦ୍ୟୁତ ଆଲୋକ ଖଞ୍ଜାଯାଇ ଗଢିଉଠୁଥିବା ଏକ ସହରର ଭ୍ରମ ସୃଷ୍ଟି କରାଯାଇଥିଲା । ଏ ସମସ୍ତ ନିର୍ମାଣମୂଳକ କାର୍ଯ୍ୟ ଆଖିପିଛୁଳାକେ ହେଉଥିବା ପରି ଜଣାଯାଉଥିଲା । ଭୁବନେଶ୍ୱରରୁ ପାରାଦ୍ୱୀପକୁ ଯିବାବେଳେ ରଘୁନାଥପୁର, ତିର୍ତୋଲ ଓ କୁଜଙ୍ଗଠାରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ବିପୁଳ ଜନସମାଗମ ଯୋଗୁଁ କାର୍ଯ୍ୟକ୍ରମରେ ବିଳମ୍ବ ଘଟିଥିଲା । ପ୍ରଧାନମନ୍ତ୍ରୀ କୁଜଙ୍ଗର ଅନନ୍ତପୁର ଲକ୍‌ଠାରୁ ମହାନଦୀର ଜଳପଥରେ ଯାଇ 'ନେହେରୁ ନିବାସ'ରେ ରାତ୍ରିଯାପନ କଲେ ।

ପରଦିନ ଜାନୁଆରୀ ୩ ତାରିଖ ସକାଳ ୮ଟାରେ ଶୁଭଦାନ ସମୟ ସ୍ଥିର ହୋଇଥାଏ । ସଭାରେ ଲୋକ ଗହଳି ପାଇଁ ସେଦିନ ରାଜ୍ୟ ସରକାର ଅଘୋଷିତ ଛୁଟି ପ୍ରଦାନ ସହିତ ପାରାଦ୍ୱୀପ ଯିବାପାଇଁ କଟକ ଓ ଭୁବନେଶ୍ୱରରୁ ମାଗଣାରେ ବସ୍ ସେବା ଯୋଗାଇ ଦେଇଥିଲେ । କଟକର କଲେଜ ଛକ ଓ ଭୁବନେଶ୍ୱର ଦୁଇ ନମ୍ବର ୟୁନିଟ୍ ପେଟ୍ରୋଲ ପମ୍ପ କଡରେ ଥିବା ବସ୍‌ଷ୍ଟାଣ୍ଡ ନିକଟରେ ବସ୍‌ଗୁଡିକୁ ରଖାଯାଇ ଡାକବାଜି ଯନ୍ତ୍ରଯୋଗେ ଜଣାଇ ଦିଆଯାଉଥିଲା । ଅନ୍ୟପକ୍ଷରେ କୁଜଙ୍ଗ ଅଞ୍ଚଳର ଚେୟାରମ୍ୟାନ୍ ଶ୍ରୀ ନାରାୟଣ ବୀରବର ସାମନ୍ତ ଓ ସ୍ଥାନୀୟ ବିଧାୟିକା ଶ୍ରୀମତୀ ରତ୍ନମାଳୀ ଜେମାଙ୍କ ଆହ୍ୱାନରେ ଢିଙ୍କିଆ, ନୂଆଗାଁ ଓ କୁଜଙ୍ଗ ଅଂଚଳର ଶହଶହ ଲୋକ ଶୀତ ରାତିକୁ ଖାତିର ନକରି ଡଙ୍ଗାରେ ଯାଇ ସଭାସ୍ଥଳରେ ପହଞ୍ଚିଥିଲେ । ନେହେରୁ ନିବାସର ଦକ୍ଷିଣକୁ ୧ କି.ମି. ଦୂର ହେଟାମୁଣ୍ଡିଆ ବଙ୍ଗୋପସାଗର କୂଳ ସଭାମଞ୍ଚ ପାଖରେ ସୂର୍ଯୋଦୟ ପୂର୍ବରୁ ବିରାଟ ଜନସମାଗମ ହେବା ଏକ ବିସ୍ମୟକର ଘଟଣା ଥିଲା । ନିର୍ଦ୍ଦିଷ୍ଟ ସମୟରେ ଶୁଭଦାନ ଉତ୍ସବ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ସରଳ ହିନ୍ଦୀ ଭାଷାରେ ଏକ ସଂକ୍ଷିପ୍ତ ସ୍ମରଣୀୟ ଭାଷଣ ଦେଇ ରାଜ୍ୟ ସରକାରଙ୍କ ସାହସିକ ପଦକ୍ଷେପକୁ ପ୍ରସଂସା କରିବା ସଂଗେ ସଂଗେ ଭବିଷ୍ୟତରେ ଏହି ବନ୍ଦର ଜାତି ଓ ଦେଶର ଅଗ୍ରଗତିରେ ନିଶ୍ଚୟ ଏକ ମାଇଲ୍ ଖୁଣ୍ଟ ସଦୃଶ ପ୍ରତୀୟମାନ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଭାଷଣରେ ଆଉ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ତାହା ପାରାଦ୍ୱୀପ ବନ୍ଦରର ଆଦିଖସଡା ପ୍ରସ୍ତୁତ କରିଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଆତ୍ମଜୀବନୀ 'ଜୀବନ ଓ ସ୍ମୃତି' ପୁସ୍ତକରେ ଏହିପରି ଲିପିବଦ୍ଧ ହୋଇଛି ।

**'ଭାରତବର୍ଷ ପରି ଏକ ବିରାଟ ଦେଶ ବ୍ୟତୀତ ପୃଥିବୀପୃଷ୍ଠସ୍ଥ ଦେଶମାନଙ୍କ ମଧ୍ୟରେ ଏପରି କୌଣସି ଗୋଟିଏ ଦେଶ ନାହିଁ ଯେଉଁ ଦେଶ କି ନାନାବିଧ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଆମ ଓଡିଶା ସହିତ ସମକକ୍ଷ ହୋଇପାରିବ । ତେଣୁ ମୁଁ କହିଲି ନାହିଁ 'ତମ ଦେଶ' ବୋଲି– ଆମ ଦେଶ କହିଲି । ଭାରତବର୍ଷର ସବୁ ରାଜ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏ ରାଜ୍ୟର ବିଭବ ଦ୍ୱାରା ଉପକୃତ ହେବେ । ବହିର୍ବାଣିଜ୍ୟ ମାଧ୍ୟମରେ ଆଶାନୁରୂପେ ନୁହେଁ – ଆଶାତୀତ ଭାବେ ବୈଦେଶିକ ମୁଦ୍ରା ହାସଲ କରିବାକୁ ସକ୍ଷମ ହେବେ। ଆଜି ସେହି ଦ୍ୱାର ଉନ୍ମୋଚନର ଯେଉଁ ବିରାଟ ନିର୍ମାଣମୂଳକ କାମ ଚାଲିବ, ତାହାର ଶୁଭାରମ୍ଭ ମୋ ଦ୍ୱାରା ଅନୁଷ୍ଠିତ ହେଉଛି ବୋଲି ମୁଁ ଭାରତର ପ୍ରଧାନମନ୍ତ୍ରୀ ଭାବେ କେବଳ ଧନ୍ୟ ନୁହେଁ, ଜବାହରଲାଲ ଭାବେ ମଧ୍ୟ ଧନ୍ୟ । କାରଣ ମନ୍ଦିର ମାଳିନୀ ଏ ଦେଶର ଧର୍ମ ସମ୍ପର୍କୀୟ ନୈତିକ ଚେତନା ସହିତ ସାମୁଦ୍ରିକ ଅକଳନ୍ତା ବିଭବ ସହ ଖଣିଜ ସମ୍ପଦର ପରିପୂର୍ଣ୍ଣତା ଜଣେ ସମୁଦ୍ର ସଂପର୍କରୁ ବଞ୍ଚିତ ଉତ୍ତରପ୍ରଦେଶ ଜନ୍ମା ଜବାହରଲାଲ ପକ୍ଷରେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଅନିର୍ବଚନୀୟ ଅଟେ । ରାଜ୍ୟର ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ପରି ଜଣେ ଦୁଃସାହସିକ କର୍ମୀଙ୍କଠାରେ ମୁଁ ଜୀବନବ୍ୟାପି ଋଣୀ, ଯେହେତୁ ସେ ସୁମାତ୍ରା ଜାଭା ସମନ୍ୱିତ ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀଙ୍କୁ ବୈଦେଶିକ ଶକ୍ତି ହାତରୁ ଉଦ୍ଧାର କରି ଆଣିଥିଲେ ମୋ ପ୍ରେରଣାରେ । ଆଜି ତାଙ୍କ ରାଜ୍ୟରେ ଏକ ସୁବୃହତ୍ ପୋତାଶ୍ରୟ ନିର୍ମାଣର ଶୁଭଦେବା**

**ଭଳି ଶତଶତ ଅନୁଷ୍ଠାନରେ ପୌରହିତ୍ୟ କରି ମଧ ମୁଁ ସେ ଋଣରୁ ମୁକ୍ତ ହୋଇପାରିବି ନାହିଁ' ।**

ଏହି ମର୍ମରେ ମହୋତ୍କୃଷ୍ଟ ଭାଷଣଦ୍ୱାରା ବିରାଟ ଜନସମାଗମଙ୍କୁ ମନ୍ତ୍ରମୁଗ୍ଧ କଲାପରେ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କର୍ତ୍ତବ୍ୟ ଦିଗରେ ଅଗ୍ରସର ହେଲେ। ଶଙ୍ଖ, ହୁଳହୁଳି, ହରିବୋଲ ଜୟଧ୍ୱନୀ ମଧ୍ୟରେ ପ୍ରଧାନମନ୍ତ୍ରୀ ଯୁକ୍ତହସ୍ତରେ ଲୋକମାନଙ୍କୁ ପ୍ରଣାମ ଜଣାଇ ବହୁ ପ୍ରତୀକ୍ଷିତ ପାରାଦ୍ୱୀପ ବନ୍ଦର ଭିତ୍ତିପ୍ରସ୍ତର ଫଳକ ଉନ୍ମୋଚିତ କଲେ । ପାଖରେ ଥିଲେ ଓଡିଶାର ରାଜ୍ୟପାଳ ଶ୍ରୀ ୟେଶ୍ୱନ୍ତ ନାରାୟଣ ସୁଖଥାନ୍‌କର, ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ ବନ୍ଦର ବିଭାଗ ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ । ସାଧାରଣତଃ କୌଣସି ପ୍ରକଳ୍ପର ଶୁଭଦେବାବେଳେ ଯେପରି ପାରମ୍ପରିକ ରୀତିରେ ମାର୍ବଲ ପ୍ରସ୍ତରରେ ଲେଖାଯାଏ, ସେପରି ରୀତିରେ ପାରାଦ୍ୱୀପ ବନ୍ଦରର ଭିତ୍ତି ସ୍ଥାପନ ହୋଇ ନଥିଲା । ପ୍ରସ୍ତର ଫଳକରେ ପଣ୍ଡିତ ନେହେରୁଙ୍କ ଦସ୍ତଖତ ସହ ଲେଖାଥିଲା ଏକ ହୃଦୟସ୍ପର୍ଶୀ ବାଣୀ ।

'ଏହାହିଁ ମହାଜାତିର ନିର୍ଦ୍ଦେଶ, ପୁଣି ଏକ ବିରାଟ ଅଭିଯାନ ପଥରେ ମୋର ଏ ଆହ୍ୱାନ' ।

ପାରାଦ୍ୱୀପ ଇତିହାସର ଅଲିଭା ପ୍ରତିଲିପି, ଏହି ଫଳକଟି ଅଦ୍ୟାପି ନେହେରୁ ନିବାସ ସାମ୍ନାରେ ଶୋଭା ପାଉଛି ।

ସେତେବେଳେ ପ୍ରଚଳିତ କାର୍ଯ୍ୟପ୍ରଣାଳୀରେ ସୀମିତ ବିଧି ବ୍ୟବସ୍ଥା ଯୋଗୁଁ ପ୍ରକଳ୍ପଟି ବ୍ୟୟବହୁଳ ଓ ସମୟ ସାପେକ୍ଷ ହୋଇଥିଲା । ଏଣୁ ଏହାକୁ ରାଜ୍ୟ ଭିତରୁ ଓ ବାହାରୁ ବହୁ ବିରୋଧ କରାଯାଇଥିଲା । ମାତ୍ର ଟାଇମ୍‌ସ ଅଫ୍ ଇଣ୍ଡିଆରେ ଏହାର ମୁଖ୍ୟ ସମ୍ପାଦକ ନିଷ୍ଠାବାନ, ଦେଶପ୍ରେମୀ ସାମ୍ବାଦିକ ବି.ଜି. ଭର୍ଗିଜ ପାରାଦ୍ୱୀପ ବନ୍ଦରକୁ ଓଡିଶା ବିକାଶର ଗହଣା ଭିତରେ ନିମକାଠି ସଦୃଶ ଅଭିହିତ କରି ୧୯୬୫ ମସିହା ଜୁନ୍ ୯ ତାରିଖରେ ଏକ ଚମତ୍କାର ସମ୍ପାଦକୀୟ ଲେଖିଥିଲେ । ସେ ଲେଖିଥିବା ସମ୍ପାଦକୀୟର ମୁଖ୍ୟଅଂଶ ଓଡିଆରେ ଏହିପରି ଥିଲା । 'ପାରାଦ୍ୱୀପ ବହୁ ବାଦ ବିବାଦ ଓ ସମାଲୋଚନାର ଆହ୍ୱାନକୁ ମୁକାବିଲା କରି ଆତ୍ମପ୍ରକାଶ କରିଛି । କିନ୍ତୁ ଏହା ନିଃସନ୍ଦେହ ଯେ, ଆସନ୍ତା ୧୦ ବର୍ଷ ମଧ୍ୟରେ ପାରାଦ୍ୱୀପ ଦେଶର ତୃତୀୟ ଯୋଜନାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ କୀର୍ତ୍ତିଭାବେ ଉଭାହେବ । ବିକାଶ ପ୍ରକ୍ରିୟାରେ ମନ୍ଥର ଗତି ସୃଷ୍ଟି କରୁଥିବା ପୁରୁଣା ଢାଞ୍ଚାଗତ ପଦ୍ଧତିରେ ପରିବର୍ତ୍ତନ ଆଣି ଏକ ଫଳପ୍ରଦ ପ୍ରକଳ୍ପ ଭାବେ ଦେଶ ଓ ଜାତି ପାଇଁ ଉଦାହରଣୀୟ ହୋଇ ରହିବ । ଏହିପରି ଏକ ଜାତୀୟ ପ୍ରଗତିଶୀଳ ପ୍ରକଳ୍ପରେ ସୃଷ୍ଟି ହୋଇଥିବା ପ୍ରଶାସନିକ ଅଂସଗତି ଓ ଦୁର୍ନାମକାରୀ ଗୁଜବ ଗ୍ରହଣୀୟ ହୋଇ ନପାରେ' ।

ଇତିମଧ୍ୟରେ ପାରାଦ୍ୱୀପ ବନ୍ଦରକୁ ୫୮ ବର୍ଷ ଛୁଇଁଛି । ୧୯୬୬-୬୭ ବର୍ଷରେ ମାତ୍ର ୬୭,୦୮୦ ମେଟ୍ରିକ୍‌ଟନ ପଣ୍ୟ କାରବାର ଆରମ୍ଭ କରିଥିବା ବେଳେ ୨୦୧୮-୧୯ ଆର୍ଥିକ ବର୍ଷରେ ୧୦୯.୨୭ ନିୟୁତ ମେଟ୍ରିକ୍‌ଟନ ପଣ୍ୟ କାରବାର କରି ଦେଶର ଦ୍ୱିତୀୟ ବୃହତ୍ତମ ବନ୍ଦର ମାନ୍ୟତା ହାସଲ କରିଛି । ଏଥି ସହ ୨୪ ଘଣ୍ଟାରେ ୩୦ଟି ଜାହାଜ ପରିଚାଳନା କରି ପୁଣି ଏକ ସର୍ବକାଳୀନ ରେକର୍ଡ ଅର୍ଜନ କରିଛି । ଅପରପକ୍ଷେ ହେନ୍ତାଳ ଜଙ୍ଗଲ ପରିପୂର୍ଣ୍ଣ ପାରାଦ୍ୱୀପ ଶିଳ୍ପ ସମୃଦ୍ଧ ସହରରେ ପରିଣତ ହୋଇଛି । ରାସ୍ତାଘାଟରୁ ଆରମ୍ଭକରି ଗମନାଗମନ ବ୍ୟବସ୍ଥା, ସ୍ୱାସ୍ଥ୍ୟରୁ ଆରମ୍ଭ କରି ଶିକ୍ଷା ବ୍ୟବସ୍ଥା ସହିତ ଜୀବନଶୈଳୀ ଇତ୍ୟାଦି ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ହୋଇଛି । ଭବିଷ୍ୟତରେ ପାରାଦ୍ୱୀପକୁ ସ୍ମାର୍ଟ ଶିଳ୍ପ ବନ୍ଦର ସହରରେ ପରିଣତ କରାଯାଇ ସାଗରମାଳା ପରିଯୋଜନାରେ ଯୋଡାଯିବାର ପ୍ରସ୍ତାବ ରହିଛି । ଏହା କାର୍ଯ୍ୟକାରୀ ହେଲେ ଏଠାରେ ଅଧିକ ସଂଖ୍ୟକ ପଣ୍ୟାଗାର ପ୍ରତିଷ୍ଠା, ମାରିଟାଇମ ଜୋନ, ପର୍ଯ୍ୟଟନର ବିକାଶ, ଉପକୂଳ ସୁରକ୍ଷା ସହିତ ସାମୁଦ୍ରିକ ଉତ୍ପାଦନ ବିପ୍ଣନ କ୍ଷେତ୍ରରେ ଅଭିବୃଦ୍ଧି ଘଟି ଦେଶ ଓ ରାଜ୍ୟର ଅର୍ଥନୀତିକୁ ସୁଦୃଢ କରିବ ।

ଅବସରପ୍ରାପ୍ତ ଯୋଗାଯୋଗ ଅଧିକାରୀ
ପାରାଦ୍ୱୀପ ବନ୍ଦର